# NATIONAL NEWS BULLETIN (ODIA)

## 31 December - 2025

## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଦୃଷ୍ଟିକୋଣକୁ ଏକ ଜାତୀୟ ଆକାଂକ୍ଷା ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ର ସଫଳ ପରୀକ୍ଷଣ ନେଇ ସୂଚନା ଦେଲେ ରେଳମନ୍ତ୍ରୀ ।
- ଚଳିତ ବର୍ଷ ଶିଳ୍ପ ଏବଂ ଅର୍ଥନୈତିକ କ୍ଷେତ୍ରରେ ଅଭିବୃଦ୍ଧି ଦେଶର ବ୍ୟାପକ ପରିବର୍ତ୍ତନଶୀଳ ପରିସ୍ଥିତିକୁ କରୁଛ ପ୍ରମାଣ ।
- ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କର ଆଜି ହେବ ଅନ୍ତିମ ସଂସ୍କାର ।

ଏବଂ

- ଶ୍ରୀଲଙ୍କା ବିପକ୍ଷରେ ୫ଟିକିଆ ମହିଳା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌କୁ ୫-୦ରେ ଅକ୍ତିଆର କଲା ଭାରତ ।

# ପିଏମ୍-ଇକୋନମିଷ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିକଶିତ ଭାରତ ଦୃଷ୍ଟିକୋଣକୁ ଏକ ଜାତୀୟ ଆକାଂକ୍ଷା ବୋଲି ବର୍ଣ୍ଣନା କରିଛନ୍ତି । ନୂଆଦିଲ୍ଲୀରେ ଗତକାଲି ନୀତି ଆୟୋଗର ଅର୍ଥନୀତିଜ୍ଞ ଏବଂ ବିଶେଷଜ୍ଞ ସହ ଆଲୋଚନାକାଳରେ ପ୍ରଧାନମନ୍ତ୍ରୀ ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବା ଦିଗରେ ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି । ଆଗାମୀ କେନ୍ଦ୍ରୀୟ ବେଜଟ୍ ପ୍ରସ୍ତୁତି ନେଇ ଅନୁଷ୍ଠିତ ଏହି ବୈଠକରେ 'ଆତ୍ମନିର୍ଭରତା ଏବଂ ଭିତ୍ତିଭୂମି ପରିବର୍ତ୍ତନ ବିକଶିତ ଭାରତର ପଦକ୍ଷେପ' ଶୀର୍ଷକ ପ୍ରସଙ୍ଗ ଆଧାରିତ ଆଲୋଚନା ହୋଇଛି । ବିଶ୍ୱସ୍ତରୀୟ କ୍ଷମତା ନିର୍ମାଣ ଏବଂ ସମନ୍ୱିତ ପଦକ୍ଷେପ ମାଧ୍ୟମରେ ମିଶନ୍ ମୋଡ୍ ସଂସ୍କାରର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଦୀର୍ଘକାଳୀନ ଅଭିବୃଦ୍ଧିକୁ ବଜାୟ ରଖିବାରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ବୈଶ୍ୱିକ କ୍ଷେତ୍ର ଏବଂ ଆନ୍ତର୍ଜାତିକ ବଜାର ପାଇଁ ଭାରତକୁ ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିତୋଳିବାକୁ ସେ ଏହି ଅବସରରେ ଆହ୍ୱାନ ଦେଇଛନ୍ତି ।

ବୈଠକରେ ଯୋଗଦେଇଥିବା ଅର୍ଥନୀତିଜ୍ଞ ଓ ବିଶେଷଜ୍ଞ ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ଉତ୍ପାଦକତା ଓ ପ୍ରତିଯୋଗିତା ବୃଦ୍ଧି ଆଧାରିତ ଅନ୍ତର୍ଦୃଷ୍ଟି ସମ୍ପନ୍ନ ରଣନୈତିକ ଚିନ୍ତାଧାରା ଉପସ୍ଥାପନ କରିଥିଲେ । ପରିବାରର ସଞ୍ଚୟ ବୃଦ୍ଧି, ଦୃଢ଼ ଭିତ୍ତିଭୂମି ବିକାଶ ଏବଂ ଅତ୍ୟାଧୁନିକ

ପ୍ରଯୁକ୍ତିବିଦ୍ୟା ଉପଯୋଗ ମାଧ୍ୟମରେ ଭିତ୍ତିଭୂମି କ୍ଷେତ୍ରର ବିକାଶ ଉପରେ ମତ ବିନିମୟ ହୋଇଛି । ଏକିକୃତ ଏବଂ ସୁଦୃଢ଼ ଭିତ୍ତିଭୂମି ତଥା ନୂତନ ସୁଯୋଗ ଉନ୍ମୋଚନ ମାଧ୍ୟମରେ ଭାରତକୁ ବିଶ୍ୱ ଅର୍ଥନୀତି କ୍ଷେତ୍ରରେ ଉନ୍ନତିପଥରେ ଆଗେଇନେବା ଲକ୍ଷ୍ୟ ନେଇ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ ବେରିଙ୍କ ସମେତ ଶଙ୍କର ଆଚାର୍ଯ୍ୟ, ଅଶୋକ କେ. ଭଟ୍ଟାଚାର୍ଯ୍ୟ, ଏନ୍.ଆର୍. ଭାନୁମୂର୍ତ୍ତି, ଅମିତ ବାତ୍ରା ଏବଂ ଜନ୍ମେଜୟ ସିହ୍ନା ପ୍ରମୁଖ ବିଶିଷ୍ଟ ଅର୍ଥନୀତିଜ୍ଞ ଓ ବିଶେଷଜ୍ଞ ଏହି ବୈଠକରେ ଯୋଗଦେଇଥିଲେ ।

## ବୈଷ୍ଣବ-ଟ୍ରାଏଲ୍ ରନ୍

ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ର ପରୀକ୍ଷଣ ଗତକାଲି ସଫଳତାର ସହ ସମ୍ପନ୍ନ ହୋଇଥିବା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ରେଳ ସୁରକ୍ଷା କମିଶନରଙ୍କ ପକ୍ଷରୁ ଏହି ପରୀକ୍ଷଣ କରାଯାଇଛି । ପରୀକ୍ଷଣ ସଂକ୍ରାନ୍ତ ଏକ ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ଶ୍ରୀ ବୈଷ୍ଣବ  କହିଛନ୍ତି, ଟ୍ରେନ୍‌ଟି ଘଣ୍ଟା ପ୍ରତି ୧୮୦ କିଲୋମିଟର ବେଗରେ ଗତି କରିଥିଲା । କୋଟା-ନଗଡ଼ା ସେକ୍‌ସନ୍ ମଧ୍ୟରେ ଏହି ପରୀକ୍ଷଣ କରାଯାଇଛି । ଟ୍ରେନ୍ ଭିତରେ ରଖାଯାଇଥିବା ପାଣିଗ୍ଲାସ୍ ମଧ୍ୟ ଦ୍ରୁତ ଯାତ୍ରା ସମୟରେ ସ୍ଥିର

ରହିଥିବା ପରୀକ୍ଷଣରୁ ଜଣାପଡ଼ିଛି । ଏହି ପରୀକ୍ଷା ନୂତନ ପିଢ଼ି ଟ୍ରେନ୍‌ର ପ୍ରଯୁକ୍ତିବିଦ୍ୟା ବୈଶିଷ୍ଟ୍ୟ ପ୍ରତିପାଦନ କରୁଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଇୟର୍ ଏଣ୍ଡ-ପ୍ରଡକସନ୍

ଚଳିତ ବର୍ଷ ଭାରତର ବିକାଶ ଯାତ୍ରାର ଏକ ନିର୍ଣ୍ଣାୟକ ଅଧ୍ୟାୟ ଭାବେ ଉଭା ହୋଇଛି । ବିଭିନ୍ନ ପଦକ୍ଷେପର ସକାରାତ୍ମକ ପ୍ରଭାବ ଅନୁଭୂତ ହୋଇଛି । ସ୍ୱତନ୍ତ୍ର ସିରିଜ୍ ସଂସ୍କାର ବର୍ଷରେ ଆଜି ଆସନ୍ତୁ ଜାଣିବା ଭାରତ କିପରି ବିଶ୍ୱର ନୂତନ ଉତ୍ପାଦ ଇଞ୍ଜିନ୍ ଭାବେ ଉଭା ହୋଇଛି ।

ଚଳିତ ବର୍ଷ ଭାରତର ଶିଳ୍ପ ଏବଂ ଅର୍ଥନୈତିକ କ୍ଷେତ୍ରରେ ୭ ଦଶମିକ୍ ୮ ପ୍ରତିଶତ ଅଭିବୃଦ୍ଧିର ସମ୍ଭାବନା ପରିବର୍ତ୍ତନଶୀଳ ପରିସ୍ଥିତିକୁ ପ୍ରମାଣିତ କରିଛି । ବର୍ଦ୍ଧିତ ବିଦେଶୀ ପ୍ରତ୍ୟକ୍ଷ ନିବେଶ ଏବଂ ବ୍ୟାପକ ଶିଳ୍ପ କ୍ଷମତା ଦ୍ୱାରା ଭାରତ ନିଜକୁ ବିଶ୍ୱସ୍ତରରେ ଏକ ଦୃତ ପ୍ରଗତୀଶିଳ ବଜାର ଏବଂ ପ୍ରମୁଖ ଉତ୍ପାଦନ କେନ୍ଦ୍ର ଭାବେ ପ୍ରମାଣିତ କରିଛି । ଦେଶର ପ୍ରଥମ ଟେମ୍ପର୍ଡ୍ ଗ୍ଲାସ୍ ଉତ୍ପାଦନ ବ୍ୟବସ୍ଥା ଚଳିତ ବର୍ଷ ନଏଡ଼ାରେ ଉଦ୍‌ଘାଟିତ ହୋଇଛି । ୧୦୦ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ କ୍ଷମତାରେ ପହଞ୍ଚି ଭାରତ ଏ କ୍ଷେତ୍ରରେ ଏକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ କରିଛି । ୨୦୧୪ରେ ରହିଥିବା ୨ ଦଶମିକ୍ ୩ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ ଚଳିତ ବର୍ଷ ୧୦୦ ଗିଗାୱାଟ୍‌ରେ ପହଞ୍ଚିଛି **।V/O**

ବିମାନ ଚଳାଚଳ କ୍ଷେତ୍ରରେ ଚଳିତ ବର୍ଷ ୨ ହଜାର ୨୦୦ ନୂତନ ବିମାନ ସାମିଲ କରାଯାଇଛି । ୨୦୩୦ ସୁଦ୍ଧା ବିମାନରେ ଯାତ୍ରୀ ସଂଖ୍ୟା ୬୩୦ ନିୟୁତରେ ପହଞ୍ଚିବାର ଆକଳନ କରାଯାଇଛି । ଦେଶର ଶିଳ୍ପ ଅଭିବୃଦ୍ଧି ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ପରବର୍ତ୍ତି ପିଢ଼ି ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ଟିକସ ସ୍ତର ୫ ଏବଂ ୧୮ ପ୍ରତିଶତରେ ସୀମିତ ରଖାଯାଇଛି । **V/O**

ବିଶ୍ୱ ସହଭାଗିତା, ଦକ୍ଷ ମାନବ ସମ୍ବଳ ଏବଂ ଦୃଢ଼ନୀତିଗତ ନିଷ୍ପତ୍ତି ଆଧାରରେ ଭାରତ ବିଶ୍ୱସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦ ଏବଂ ରପ୍ତାନୀ ଅର୍ଥନୀତି ଭାବେ ଉଭା ହୋଇଛି ।

## ବାଂଲାଦେଶ-ଖାଲେଦା ଜିଆ

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି ବି.ଏନ୍.ପି. ଅଧ୍ୟକ୍ଷ ଖାଲେଦା ଜିଆଙ୍କର ଆଜି ଅନ୍ତିମ ସଂସ୍କାର କରାଯିବ । ଜାତୀୟ ସଂସଦ ଭବନର ଦକ୍ଷିଣ ପ୍ଲାଜା ଏବଂ ମାନିକ୍‌ମିଆଁ ଆଭେନ୍ୟୁଠାରେ ଅପରାହ୍ଣ ୨ଟାରେ ଅନ୍ତିମ ସଂସ୍କାର କାର୍ଯ୍ୟ ପାଇଁ ସମୟ ନିର୍ଘଣ୍ଟ ସ୍ଥିର ହୋଇଛି । ତାଙ୍କ ସ୍ୱାମୀ ତଥା ପୂର୍ବତନ ରାଷ୍ଟ୍ରପତି ଜିଆ-ଉର୍ ରହମାନଙ୍କ କବର ପାଖରେ ତାଙ୍କୁ କବର ଦିଆଯିବାର ନିଷ୍ପତ୍ତି ହୋଇଛି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଖାଲେଦା ଜିଆଙ୍କ ଅନ୍ତିମ ସଂସ୍କାରରେ ଆଜି ଯୋଗଦେବେ । ଭାରତ ସରକାର ଏବଂ ଭାରତବାସୀଙ୍କ ପକ୍ଷରୁ ସେ ସେଠାରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବେ ।

ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କର ଗତକାଲି ଢାକାଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି । ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା ।

## ଇସ୍ରାଏଲ୍ ଏଡ୍ ସସପେନ୍‌ସନ୍

ଗାଜାରେ କାର୍ଯ୍ୟରତ ୩୦ରୁ ଅଧିକ ମାନବିକ ସଂଗଠନକୁ ଇସ୍ରାଏଲ୍ କାର୍ଯ୍ୟରୁ ଅନ୍ତର କରିଛି । ନୂତନ ପଞ୍ଜିକରଣ ନିୟମ ପାଳନ କରିବାରେ ବିଫଳ ଅଭିଯୋଗ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି । ସେଥିମଧ୍ୟରେ ଡକ୍ଟରସ୍ ଓ୍ୱିଦାଉଟ୍ ବଡର୍ସ୍ ଆଣ୍ଡ କେୟାର୍ ଗ୍ରୁପ୍ ମଧ୍ୟ ଅନ୍ତର୍ଭୁକ୍ତ । ଇସ୍ରାଏଲ୍ କହିଛି, ହମାସର ଅନୁପ୍ରବେଶକୁ ରୋକିବା ଲକ୍ଷ୍ୟ ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ନିୟମ ଅନୁଯାୟୀ କାର୍ଯ୍ୟରତ ସଂଗଠନଗୁଡ଼ିକୁ କର୍ମଚାରୀ ତାଲିକା, ପାଣ୍ଠି ବିବରଣୀ ଦାଖଲ କରିବାକୁ ପଡ଼ିଥାଏ । ଇସ୍ରାଏଲ୍ ବିରୁଦ୍ଧରେ ପଦକ୍ଷେପ ତଥା ଆନ୍ତର୍ଜାତିକ ଆଇନ୍‌ଗତ ମାମଲାକୁ ସମର୍ଥନ ନ କରିବା ଆଦି କେତେକ ଆଦର୍ଶଗତ ସର୍ତ୍ତାବଳୀ ପୂରଣ କରିବାକୁ ଏହି ସଂଗଠନଗୁଡ଼ିକ ପାଇଁ

ବାଧ୍ୟତାମୂଳକ ହୋଇଥାଏ । ନିୟମ ଅନୁପାଳନ କରୁନଥିବା ଏହି ସଂଗଠନ ଗୁଡ଼ିକ ସେମାନଙ୍କ କର୍ମଚାରୀଙ୍କୁ ବିପଦରେ ପକାଇପାରେ ତଥା ମାନବିକ ନିରପେକ୍ଷତା ଉଲ୍ଲଙ୍ଘନ ହୋଇପାରେ ବୋଲି ଇସ୍ରାଏଲ୍ ଆଶଙ୍କା ପ୍ରକାଶ କରିଛି ।

ତେବେ ଅନୁମୋଦିତ ସଂଗଠନଗୁଡ଼ିକ ମାଧ୍ୟମରେ ପୂର୍ବଭଳି ସହାୟତା ଜାରି ରହିବ ବୋଲି ଇସ୍ରାଏଲ୍ କହିଛି ।

## ଇଣ୍ଡିଆନ୍ ଆର୍ମି-୨୦୨୫

ଚଳିତ ବର୍ଷ ଭାରତୀୟ ସେନା ଆହ୍ୱାନଗୁଡ଼ିକର ମୁକାବିଲା ତଥା ନିଯୁକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ଗତ ମେ ମାସରେ ଅପରେସନ ସିନ୍ଦୂର ପଦକ୍ଷେପ ଗ୍ରହଣ କରାଯାଇଥିଲା । ସୀମାପାରର ୯ଟି ଆତଙ୍କବାଦୀ ଶିବିର ଧ୍ୱଂସ କରାଯିବା ସହ ୭ଟିକୁ ନିଷ୍କ୍ରିୟ କରାଯାଇଥିଲା । ନିୟନ୍ତ୍ରଣ ରେଖା ନିକଟରେ ଆତଙ୍କବାଦୀ ଲଞ୍ଚ୍ ପ୍ୟାଡ୍‌କୁ ମଧ୍ୟ ନଷ୍ଟ କରାଯାଇଥିଲା । ବ୍ରହ୍ମୋସ୍ ଏବଂ ପିନାକ୍ ବ୍ୟବସ୍ଥାର ସଫଳ ଉପଯୋଗ ଭାରତୀୟ ସେନାକୁ ଅଧିକ ମଜବୁତ କରିଛି । ଭାରତୀୟ ସେନା ଚଳିତ ବର୍ଷ ବହୁ ପ୍ରତିକ୍ଷିତ ୬ଟି ଏ.ଏଚ୍.-୬୪ଇ ଆପାଚେ ହେଲିକ୍ୟାପ୍ଟର ହାସଲ କରିଛି । ଭାରତୀୟ ସେନା ବ୍ୟବହାର କରୁଥିବା ଗୋଳାବାରୁଦର ୯୧ ପ୍ରତିଶତ ସ୍ୱଦେଶ ପ୍ରସ୍ତୁତ ।

ଦକ୍ଷତା ବୃଦ୍ଧି, ଆତଙ୍କବାଦ ବିରୋଧି ପଦକ୍ଷେପ ଆଧାରରେ ଆଞ୍ଚଳିକ ସହଭାଗିତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଭାରତ ଫ୍ରାନ୍ସ, ଆମେରିକା, ଥାଇଲାଣ୍ଡ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଏବଂ ୟୁ.ଏ.ଇ. ସହିତ ଦ୍ୱିପାକ୍ଷିକ ସମରାଭ୍ୟାସ କରିଛି । ଏକ ସୁରକ୍ଷିତ ଏବଂ ବିକଶିତ ଭାରତ ଗଠନ ଲକ୍ଷ୍ୟ ନେଇ ସଂସ୍କାରରୁ ପରବିର୍ତ୍ତନ ପ୍ରସଙ୍ଗ ଆଧାରିତ ଚାଣକ୍ୟ ପ୍ରତିରକ୍ଷା ଆଲୋଚନା ଚଳିତ ବର୍ଷ ଆୟୋଜିତ ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## କ୍ରିକେଟ

ଶ୍ରୀଲଙ୍କା ବିପକ୍ଷରେ ଚଳିତ ପାଞ୍ଚ ଟିକିଆ ମହିଳା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌କୁ ଭାରତ ୫-୦ରେ ଅକ୍ତିଆର କରିଛି । ଥିରୁବନନ୍ତପୁରମ୍‌ଠାରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ପଞ୍ଚମ ତଥା ଅନ୍ତିମ ମ୍ୟାଚ୍‌ରେ ଭାରତ’ ଶ୍ରୀଲଙ୍କାକୁ ୧୫ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ୧୭୫ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ହରମନପ୍ରୀତ କୌର ସର୍ବାଧିକ ୬୮ରନ୍ ସଂଗ୍ରହ କରିଥିଲେ । ୧୭୬ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ୭ ୱିକେଟ୍ ବିନିମୟରେ ୧୬୦ରନ୍ କରିବାକୁ ସକ୍ଷମ ହୋଇଥିଲା । ହରମନପ୍ରୀତ କୌର ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଏବଂ ସେଫାଳି ବର୍ମା ପ୍ଲେୟାର୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି ।

# ହକି ଇଣ୍ଡିଆ ଲିଗ୍-ରାଞ୍ଚି

ମହିଳା ହିରୋ ହକି ଇଣ୍ଡିଆ ଲିଗ୍ ୨୦୨୫-୨୬ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ରାଞ୍ଚି ରୟାଲ୍ସ ୫-୦ ଗୋଲ୍‌ରେ ସ୍ରାଚି ବେଙ୍ଗଲ ଟାଇଗର୍ସ୍‌କୁ ପରାସ୍ତ କରିଛି । ରାଞ୍ଚିର ମରଙ୍ଗ ଗୋମ୍‌କେ ଜୟପାଲ ସିଂହ ମୁଣ୍ଡା ଆଷ୍ଟ୍ରୋଟର୍ଫ୍ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ଖେଳାଯାଇଥିଲା ।